# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 July – 2025**

**News Editor : Tapan Kumar Moharana**

*******************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଝାଡଖଣ୍ଡର ରାଞ୍ଚିଠାରେ ଚାଲିଛି ୨୭ତମ ପୂର୍ବାଞ୍ଚଳ ପରିଷଦ ବୈଠକ

— ରାଜ୍ୟରେ ମହିଳା ସଶକ୍ତୀକରଣ ଓ ଶିଶୁ ସୁରକ୍ଷାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି; ବୈଠକରେ କହିଲେ ମୁଖ୍ୟମନ୍ତ୍ରୀ

- ମତ୍ସ୍ୟଚାଷକୁ ପ୍ରୋତ୍ସାହନ ପ୍ରଦାନ ପାଇଁ କେନ୍ଦ୍ର ସରକାର ଦେଉଛନ୍ତି ଗୁରୁତ୍ୱ; କହିଲେ, କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ

- ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଗୁରୁପୂର୍ଣ୍ଣିମା

ଏବଂ

- ରାଜ୍ୟରେ ଯଥେଷ୍ଟ ପରିମାଣର ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରହିଥିବା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସୂଚନା

# ମୁଖ୍ୟମନ୍ତ୍ରୀ – ଝାଡ଼ଖଣ୍ଡ ଗସ୍ତ

ଓଡ଼ିଶାରେ ମହିଳା ସଶକ୍ତୀକରଣ ଏବଂ ଶିଶୁ ସୁରକ୍ଷାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଝାଡଖଣ୍ଡର ରାଞ୍ଚିଠାରେ ଚାଲିଥିବା ୨୭ତମ ପୂର୍ବାଞ୍ଚଳ ପରିଷଦ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧୀନରେ ଏଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ୱାସ୍ଥ୍ୟସେବା, ପୋଷଣ, ସୁରକ୍ଷା, ଶିକ୍ଷା ଏବଂ ସଶକ୍ତୀକରଣ ଆଦି ଏଥିରେ ଅନ୍ତର୍ଭୁକ୍ତ।

ଚଳିତ ଆର୍ଥିକବର୍ଷରେ ଏ କ୍ଷେତ୍ରରେ ୧୫ ହଜାର ୨୨୨ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ପୁଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ସମବେଦନା ଯୋଜନା ଏବଂ ଆମେ ପଢ଼ିବା ଆମ ବାସରେ ଆଦି ଉପରେ ଆଲୋକପାତ କରିଛନ୍ତି।

ଏଥିସହ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା, ପୋଷଣ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜର ମତ ଉପସ୍ଥାପନ କରିଥିଲେ। ରାଜ୍ୟବାସୀଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆୟୁଷ୍ମାନ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନ

ଯୋଜନାର କାର୍ଯ୍ୟକାରୀ କରାଯାଇଛି।  ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ–ମତ୍ସ୍ୟଚାଷୀ ଦିବସ

ମତ୍ସ୍ୟଚାଷୀଙ୍କ ବିକାଶ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ ମତ୍ସ୍ୟଚାଷୀ ଦିବସ। ଦେଶର ମତ୍ସ୍ୟଚାଷ କ୍ଷେତ୍ରରେ ପ୍ରଫେସର ଡକ୍ଟର ହୀରାଲାଲ୍ ଚୌଧୁରୀ ଏବଂ ତାଙ୍କର ସହଯୋଗୀ ଡକ୍ଟର କେ.ଏଚ୍.ଆଲୁକୁନିହିଙ୍କ ଅବଦାନକୁ ସମ୍ମାନ ପ୍ରଦାନ ଏବଂ ତାଙ୍କୁ ସ୍ମରଣ କରିବା ହେଉଛି ଆଜି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଦେଶରେ ମତ୍ସ୍ୟକ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ କିଛି ବର୍ଷ ଧରି ବୈଜ୍ଞାନିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗ ଦ୍ୱାରା ମତ୍ସ୍ୟଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ୨୦୧୫ ମସିହାରୁ ଏ କ୍ଷେତ୍ରରେ ସରକାର ୩୮ ହଜାର ୫୭୨ କୋଟି ଟଙ୍କା ନିବେଶ କରିଛନ୍ତି। ଏହାଦ୍ୱାରା ଦେଶର ମତ୍ସ୍ୟ ଉତ୍ପାଦନ ୨ ଗୁଣରୁ ଅଧିକ ହୋଇଛି। ଦେଶର ସାମୁଦ୍ରିକ ଖାଦ୍ୟ ରପ୍ତାନୀ  ୬୦ ହଜାର ୫୦୦ କୋଟି ଟଙ୍କାକୁ ଅତିକ୍ରମ କରିଛି। ଚିଙ୍ଗୁଡି ରପ୍ତାନୀରେ ଭାରତ ବିଶ୍ୱ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି।

ଏହି ଅବସରରେ ଆଜି ଭୁବନେଶ୍ୱରସ୍ଥିତ ସିଫାଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଆଭାସୀ ମାଧ୍ୟମରେ ସମ୍ବୋଧନ କରିଥିଲେ। ଦେଶରେ ମତ୍ସ୍ୟ ଉତ୍ପାଦନକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ମନ୍ତ୍ରୀ ଶ୍ରୀ ସିଂହ ଆଲୋକପାତ କରିଛନ୍ତି। ଏଥିରେ ଯୋଗଦେଇ ରାଜ୍ୟ ବିଭାଗୀୟ ମନ୍ତ୍ରୀ **ଗୋକୁଳାନନ୍ଦ ମଲ୍ଲିକ** କହିଛନ୍ତି ମଧୁର ଜଳ ମାଛ ଚାଷ କ୍ଷେତ୍ରରେ ସରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଏ କ୍ଷେତ୍ରରେ ସରକାରୀ ସବ୍‌ସିଡି ଉପରେ ଆଲୋକପାତ କରି ଶ୍ରୀ ମଲ୍ଲିକ୍ କହିଛନ୍ତି.....

# - V/O -

ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ମତ୍ସ୍ୟ ଚାଷରେ ଓଡିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ଭିଜନ-୨୦୩୬ର ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି ।

## ମତ୍ସ୍ୟ ପ୍ରଜନନ

**ବୌଦ୍ଧ** ଜିଲ୍ଲା ମତ୍ସ୍ୟ ଫାର୍ମଠାରେ ମତ୍ସ୍ୟ ପ୍ରଜନନ ପାଇଁ ଟିକାକରଣ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬୦ କିଲୋଗ୍ରାମ ଭାକୁର ମାଛକୁ

ଜଆଁଳ ପ୍ରଜନନ ପାଇଁ ଟିକାକରଣ କରାଯାଇଥିଲା । ୩ କିମ୍ବା ୪ଟି ପର୍ଯ୍ୟାୟରେ ଏହି ଟିକାକରଣ କାର୍ଯ୍ୟ କରାଯିବ ବୋଲି ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସଡକ ନୀତି

ରାଜ୍ୟରେ ନୂଆ ସଡକ ନୀତି ୨୦୨୫ ଲାଗୁ ହୋଇଛି । ନୂଆ ସଡକ ନୀତିକୁ କାର୍ଯ୍ୟକାରୀ କରାଇବା ନେଇ ସମସ୍ତ ଜିଲ୍ଲାପାଳଙ୍କୁ ପୂର୍ତ୍ତ ବିଭାଗ ପକ୍ଷରୁ ଅବଗତ କରାଯାଇଛି । ଆନୁଷଙ୍ଗିକ ବିଭାଗଗୁଡ଼ିକ କିପରି ମାର୍ଗଦର୍ଶିକା ଅନୁସାରେ ସମନ୍ୱୟ ରଖି କାର୍ଯ୍ୟ କରିବେ ସେ ସମ୍ପର୍କରେ ବିଭାଗ ପକ୍ଷରୁ କୁହାଯାଇଛି ।

## ଗୁରୁପୂର୍ଣ୍ଣିମା

ପବିତ୍ର ଆଷାଢ଼ ପୂର୍ଣ୍ଣିମାରେ ଆଜି ବ୍ୟାସପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ପାଳନ କରାଯାଉଛି । ଗୁରୁ ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଶୈକ୍ଷିକ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖି ସମାଜକୁ ପ୍ରେରିତ କରିବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏ ସମ୍ପର୍କରେ ଏକ ରିପୋର୍ଟ......

ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ଆଜି ଗୁରୁପୂର୍ଣ୍ଣିମାକୁ ମହା ଆଡମ୍ବରରେ ପାଳନ କରୁଛନ୍ତି । ଯୋଗୀ ପରମ୍ପରା ଅନୁସାରେ ଭଗବାନ ଶିବ ପ୍ରଥମ ଗୁରୁ କିନ୍ତୁ ହିନ୍ଦୁ ଋଷି ସାଧୁସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବେ ପୂଜା କରିଥାନ୍ତି ।

ଗୁରୁପୂର୍ଣ୍ଣିମା ହେଉଛି ଶିକ୍ଷା, ଜ୍ଞାନ ଆହରଣ ଏବଂ କୃତଜ୍ଞତା ପ୍ରକାଶ କରିବାର ପର୍ବ। ଶିଷ୍ୟଙ୍କ ଜୀବନ ଗଢ଼ିବାରେ ଗୁରୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଶିଷ୍ୟଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଗୁରୁ ଉଲ୍ଲେଖନୀୟ ମାର୍ଗଦର୍ଶନ କରିଥାନ୍ତି। ଗୁରୁ-ଶିଷ୍ୟ ପରମ୍ପରା ଉପରେ ଶିକ୍ଷାବିତ୍ **ନୀଳାଦ୍ରି ବିହାରୀ ମହାପାତ୍ର** କହିଛନ୍ତି...

## - V/O - (ନୀଳାଦ୍ରି ବିହାରୀ ମହାପାତ୍ର)

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଗୁରୁପୂର୍ଣ୍ଣିମା ଅବସରରେ ସମସ୍ତ ଦେଶବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଗୁରୁପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇ କହିଛନ୍ତି, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ରୂପରେ ଗୁରୁମାନଙ୍କ ଭୂମିକା ଅତୁଳନୀୟ। ଶିକ୍ଷାଗୁରୁ, ଦୀକ୍ଷାଗୁରୁ ଓ କର୍ମଗୁରୁଙ୍କୁ ଶ୍ରୀ ମାଝୀ ପ୍ରଣାମ ଜଣାଇଛନ୍ତି।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଭାରତର ଜ୍ଞାନ ପରମ୍ପରାରେ ଗୁରୁଙ୍କୁ ଜୀବନର ପଥ ପ୍ରଦର୍ଶକ, ମୂଲ୍ୟବୋଧର ବାହାକ ଓ ରାଷ୍ଟ୍ରନିର୍ମାଣର ନିର୍ଦ୍ଦେଶକ ବୋଲି ଅଭିହିତ କରିଛନ୍ତି।

ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ, କଳା ଓ ସଂଗୀତ ପ୍ରତିଷ୍ଠାନଗୁଡ଼ିକରେ ଗୁରୁପୂଜନ ପର୍ବ ଅନୁଷ୍ଠିତ ହୋଇଛି।

## କଳାବଜାରୀ

ଡ୍ରାଇଭର ମହାସଂଘର ଆନ୍ଦୋଳନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ **କୃଷ୍ଣଚନ୍ଦ୍ର ପାତ୍ର** କହିଛନ୍ତି। ରାଜ୍ୟରେ ଯଥେଷ୍ଟ ପରିମାଣର ଖାଦ୍ୟ ସାମଗ୍ରୀ ସହ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି। ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସମସ୍ତ ତେଲ କମ୍ପାନୀର ଅଧିକାରୀମାନଙ୍କ ସହ ବୈଠକ ପରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ସମସ୍ୟାର ଖୁବ୍ ଶୀଘ୍ର ସମାଧାନ କରିବାକୁ ପ୍ରୟାସ ଜାରି ରହିଛି।

**- V/O - (କୃଷ୍ଣଚନ୍ଦ୍ର ପାତ୍ର)**

ଅନ୍ୟପକ୍ଷରେ ତେଲର କୃତ୍ରିମ ଅଭାବ ସୃଷ୍ଟି ନ କରିବାକୁ ପେଟ୍ରୋଲିୟମ୍ ସଂଘ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି।

## ଦଳାଚକଟା – ସାକ୍ଷ୍ୟ ଗ୍ରହଣ

ପୁରୀ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ତଦନ୍ତ ଜାରି ରହିଛି। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଆଜି  ଅପରାହ୍ନରେ  ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣା ସଂପର୍କରେ ସାକ୍ଷ୍ୟ ଗ୍ରହଣ କରିବେ । ଶ୍ରୀମତୀ ଗର୍ଗ ଗତକାଲି ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ସାକ୍ଷ୍ୟ ଗ୍ରହଣ କରିଥିଲେ। ଦଳାଚକଟା ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର କାରଣ ସମ୍ପର୍କରେ ତଦନ୍ତ କରିବା ଲାଗି ରାଜ୍ୟ ସରକାର ଏହି କମିଟି ଗଠନ କରିଛନ୍ତି। ପୂର୍ବରୁ ଶ୍ରୀମତୀ ଗର୍ଗ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ।

## ଏକ ପେଡ୍ ମା’ କେ ନାମ୍

**ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ‘ଏକ ପେଡ୍ ମା’ କେ ନାମ୍’ ଅଧୀନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲାର ବାସୁଦେବପୁର, ଧାମନଗର ଆଦି ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ଚାରାରୋପଣ କରିଥିଲେ।

## ଆଇନ୍‌ସେବା ପ୍ରାଧିକରଣ

**ଭଦ୍ରକ** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କାଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମଠାରେ ନ୍ୟାୟ ଅଧିନିୟମ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ସଚିବ ପୂର୍ଣ୍ଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମରେ

ଯୋଗଦେଇ କିଶୋର ନ୍ୟାୟ ଅଧିନିୟମ ଏବଂ କିଶୋର କିଶୋରୀଙ୍କୁ ମାନସିକ ସ୍ତରରେ ସମାଜରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଥିବା ବିଭିନ୍ନ ଆଇନ୍‌ଗତ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ।

## ସାହାଣୀ କପ୍

୬୪ତମ ଆନ୍ତଃଜିଲ୍ଲା ସାହାଣୀକପ୍ ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ **ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଓଡ଼ିଶା ଫୁଟବଲ୍ ସଂଘ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଜିଲ୍ଲାରୁ ବିଭିନ୍ନ ଫୁଟବଲ୍ ଦଳ ଅଂଶଗ୍ରହଣ କରୁଛନ୍ତି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

## ପାଣିପାଗ

ରାଜ୍ୟରେ ଲଘୁଚାପ ପ୍ରଭାବରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟାରେ ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲ୍ଲୀରେ ସର୍ବାଧିକ ୬୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗତମାସ ପହିଲାରୁ

ଆଜିପର୍ଯ୍ୟନ୍ତ ରାଜ୍ୟରେ ୪୦୬ ଦଶମିକ ୨ ମିଲିମିଟର ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୦୫ ଦଶମିକ ୧/୫ଫୁଟ ରହିଥିଲା। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ଲକ୍ଷ ୨୭ ହଜାର ୫୧୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ୨ଲକ୍ଷ ୬୮ ହଜାର୩୪୮ ଘନଫୁଟ ଜଳ ନିଷ୍କାସିତ ହେଉଛି ।

**********************************